# ମହୋତ୍ସବ ଭଲ କାମ କରିବାକୁ ପ୍ରେରଣା ଦେଇଥାଏ



ଯାଜପୁର ଜିଲା ଯୁବ ମହୋତ୍ସବରେ ଯୋଗଦେଇଥିବା ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ଯାଜପୁର ଜିଲା ଯୁବମହୋତ୍ସବ ଉଦ୍‌ଯାପିତ

ଯାଜପୁରରୋଡ୍, ୧୩।୩ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରସ୍ଥିତ ଏନ୍‌ସି ହାଇସ୍କୁଲ ପଡ଼ିଆରେ ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନ ଆନୁକୂଲ୍ୟରେ ଚାଲିଥିବା ଯାଜପୁର ଜିଲା ଯୁବମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସଭାପତି ଦୁଷ୍ମନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ମହୋତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ଏଥିସହିତ ମହୋତ୍ସବ ଭଲ କାମ କରିବାକୁ ଅଶେଷ ପ୍ରେରଣା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ କୋରେଇ କଲେଜ ଅଧ୍ୟାପକ ବିରଞ୍ଚିନାରାୟଣ ଦାସ ଯୋଗଦେଇ ଯୁବକମାନେ ଦେଶର କର୍ଣ୍ଣଧାର। ତେଣୁ ତାଙ୍କୁ ଗଢ଼ିବାର ନିଆରା ଉଦ୍ୟମ ନିଶ୍ଚିତ ଭାବରେ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ନରେଶ ମସ୍କରା ଯୋଗଦେଇଥିଲେ। ମହୋତ୍ସବର ମୁଖପତ୍ର 'ଯୁବ ପ୍ରତିଭା' ଓ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡାଙ୍କ ଲିଖିତ ଶିଶୁ କବିତା ପୁସ୍ତକ 'ଆମେ ସବୁ ଚିଁକିପିଲା'ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

ପ୍ରାରମ୍ଭରେ ଅକ୍ଷୟ କୁମାର ଦେଓ ଓ ସାଥିମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଜନସମ୍ପର୍କ ସମ୍ପାଦକ ଅକ୍ଷୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସାଂସ୍କୃତିକ ବିଭାଗରେ ଯାଜପୁର ପୌର ପରିଷଦ ପ୍ରଥମ, ବିଞ୍ଝାରପୁର ବ୍ଲକ ୨ୟ, ସୁକିନ୍ଦା ବ୍ଲକ ଓ ବ୍ୟାସନଗର ପୌର ପରିଷଦ ୩ୟ ସ୍ଥାନ ଅଧିକାର କରିଥିଲା। ଫୁଟବଲ ଖେଳରେ ଧର୍ମଶାଳା ବ୍ଲକ ଚାମ୍ପିୟନ ହେଇଥିଲାବେଳେ ସୁକିନ୍ଦା ବ୍ଲକର ଶିବ ସୁନ୍ଦର ଫୁଟବଲ କ୍ଲବ ରନର୍ସ ଅପ ହୋଇଥିଲା। ଭଲିବଲରେ କୋରେଇ ବ୍ଲକର ନଗୁଆଁ ଚାମ୍ପିୟନ ହେଇଥିଲାବେଳେ ରସୁଲପୁର ବ୍ଲକର ମୁଗପାଳ ରନର୍ସ ଅପ ହୋଇଥିଲା। କବାଡ଼ିରେ ଯାଜପୁର କବାଡ଼ି ଆସୋସିଏଶନ ଖଣ୍ଡିତର ଚାମ୍ପିୟନ ହେଇଥିଲା। ଯାଜପୁର ବ୍ଲକର ବେରୁଦା ରନର୍ସ ଅପ ହୋଇଥିଲା। କାର୍ଯ୍ୟକ୍ରମରେ କାକା ଫାଉଣ୍ଡେଶନ, ସାମାଜିକ କର୍ମୀ ରାଜେନ୍ଦ୍ର ବିଶ୍ୱାଳ, ନରେଶ ମସ୍କରା, ଅଜୟ ପଣ୍ଡା, ଅଚ୍ୟୁତାନନ୍ଦ ଦାସ, ଦିନେଶ ମସକରା, କାହ୍ନୁଚରଣ ନାଥ ଓ ମହାମାୟା ପ୍ରତାପ ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତି, ଅଯୋଧ୍ୟା ଜେନା, ନିରଞ୍ଜନ ଘଡ଼ାଇ, ହୃଷୀକେଶ ସାହୁ, ନରେନ୍ଦ୍ର ଜେନା ଓ ଚନ୍ଦ୍ରମଣି ସାମଲ ମଞ୍ଚରେ ଉପସ୍ଥିତ ଥିଲେ। ସମ୍ପାଦକ ହେମନ୍ତ ଧୀର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ବିଭୂତି ଭୂଷଣ ପାଳ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବର୍ଷା



@ ପ୍ରଭୁ ପ୍ରସାଦ



@ ପ୍ରଦୀପ



@ ରାହୁଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଲର୍ କ୍ଲାଉଡ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର ।

ଧର୍ମଶାଳା, ୧୩।୩ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଲର୍ କ୍ଲାଉଡ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ରେନେସା ଯୁକ୍ତ ୨ କଲେଜର ସମ୍ପାଦକ ବିଭୂତି ଭୂଷଣ ରାଉତ ଯୋଗ ଦେଇଥିଲେ। ସ୍କୁଲର ନିର୍ଦ୍ଦେଶକ ଅଭିଜିତ ଦାସ ଅଧ୍ୟକ୍ଷତା କରିଥିବାବେଳେ ସ୍କୁଲ ଅଧ୍ୟକ୍ଷା ବନ୍ଦିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଉର୍ମିଳା ଦାସ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ ଆଦିତ୍ୟ ସାଇଆନ୍‌ସ, ଶିବାନୀସ୍ ମିଶ୍ର, ଋଷିରାଜ୍ ରାଉତ, ସ୍ୱର୍ଣ୍ଣିମ ତ୍ରିପାଠୀ, ଝିନ୍ନି ମହାନ୍ତି, ଶୟୋନୀ ମଲିକ, ସ୍ନେହାନସ୍‌ରାଜ୍, ସମରଜିତ୍ ରାଏ, ସମ୍ପୂର୍ଣ୍ଣା ସ୍ୱାଇଁ, ସରନ୍ୟା ପଣ୍ଡା, ଅନ୍ନସୀମା ପ୍ରଧାନ ଓ ରୋସନ୍‌କୁମାର ବେହେରା ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରୀତିମଞ୍ଜରୀ ଗିରି, ଜ୍ୟୋତିଧାରା ପଣ୍ଡା, ପ୍ରିୟଙ୍କା ସାହୁ, ସନ୍ଧ୍ୟାରାଣୀ ରାଉତ୍, ହରପ୍ରିୟା ନନ୍ଦ, ନାଜିଆ ସିଦ୍ଦିକି, ପ୍ରିୟଙ୍କା ଧଳ, ଲିପ୍ତିମୟୀ ଓଝା ଓ ପୂଜା ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ପୁଣି ଫେରିଲା ବ୍ରାଉନସୁଗାର କାରବାର

ଛତିଆ, ୧୩।୩ (ସୌମ୍ୟ ରଞ୍ଜନ ସାହୁ):

ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଓଡ଼ିଶାର ଛତିଆ ନାମଟି ବେଶ ପରିଚିତ। ପ୍ରାୟ ନବେ ଦଶକରେ ଛତିଆ କହିଲେ ଚୋରା କାରବାର ହବଥିଲା। ଏହି ଅଞ୍ଚଳ ଚୋରା ଗଞ୍ଜେଇ, ଅଫିମ, ବ୍ରାଉନସୁଗାର, ଚରସ ପାଇଁ ଖ୍ୟାତି ଅର୍ଜନ କରିଥିଲା। ଏଠାରେ ବିପୁଳ ଟଙ୍କାର ଚୋରା ନିଶାଦ୍ରବ୍ୟ ଗଚ୍ଛିତ ରଖାଯାଇ ବିଭିନ୍ନ ଅଞ୍ଚଳକୁ ସପ୍ଲାଇ ହେଉଥିଲା। ତତ୍କାଳୀନ ଯାଜପୁର ଏସ୍‌ପି ଅସିତ କୁମାର ପାଣିଗ୍ରାହୀ ଓ ସେ ସମୟର ବୈରୀ ଫାଣ୍ଡି ଅଧିକାରୀ ତଥା ବର୍ତ୍ତମାନର କଳିଙ୍ଗନଗର ଆଡିସନାଲ ଏସ୍‌ପି ସୁପ୍ରସନ୍ନ ମଲ୍ଲିକ ଚୋରାନିଶା ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଉଭୟ ଅଧିକାରୀ ଚଢ଼ାଉ କରି ବିପୁଳ ଚୋରା ଗଞ୍ଜେଇ, ଅଫିମ ଓ ବ୍ରାଉନସୁଗାର ଜବତ କରିବା ସହିତ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏପରି କି ଛତିଆ ଅଞ୍ଚଳରୁ ଚୋରା କାରବାରର ମୂଳ ଉତ୍ପାଟନ କରିଥିଲେ। ଦୀର୍ଘ ସମୟ ଛତିଆ ଅଞ୍ଚଳରୁ ଚୋରା ନିଶା କାରବାର ବନ୍ଦ ହୋଇ ଯାଇଥିଲା। ମାତ୍ର ଏବେ ପୁଣି ଛତିଆ, ବୈରୀ, ସୋଲର, କପାଷ୍ଟିକିରି ଓ ଅମିୟଝରି ଆଦି ଅଞ୍ଚଳରେ ବ୍ରାଉନସୁଗାର କାରବାର ଆରମ୍ଭ ହେଲାଣି। ବିଶେଷ କରି ଛତିଆ ଓ ବୈରୀ ଅଞ୍ଚଳର କେତେଜଣ ଯୁବକ ବାଲେଶ୍ୱର ଏବଂ ପୁରୀରୁ ବ୍ରାଉନସୁଗାର ଆଣି ନିର୍ଦ୍ଦିଷ୍ଟ ପାନ ଦୋକାନରେ ବିକ୍ରି କରୁଥିବା ଜଣାପଡ଼ିଛି। ଏହି ପାନ ଦୋକାନୀମାନେ କଲେଜ ପିଲାମାନଙ୍କୁ ଖୁଲମଖୁଲା ବ୍ରାଉନସୁଗାର ବିକ୍ରି କରୁଛନ୍ତି।

ଏହି ବେପାରର ମୁଖ୍ୟ କାର୍ପଟଦାର ବୈରୀ ଅଞ୍ଚଳର କେତେଜଣ ଯୁବକ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ଏହି କାରବାର ସମ୍ପର୍କରେ ଜାରକା ଅବକାରୀ ବିଭାଗ ଓ ବୈରୀ ପୋଲିସ କିଭଳି ଜାଣିପାରୁନାହିଁ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସରକାର ପରିବର୍ତ୍ତନ ହୋଇଛି ସତ। କିନ୍ତୁ ଆଖପାଖ ଅଞ୍ଚଳରେ ବ୍ରାଉନସୁଗାର, ଗଞ୍ଜେଇ, ମାଙ୍କଡ଼ା ପଥର, ମାଟି, ମୋରମ ଆଦି ଚୋରା କାରବାର ଖୁଲମ ଖୁଲା ଚାଲିଛି। ଏ ଦିଗରେ ଯାଜପୁର ଏସ୍‌ପି ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବୈରୀ ଥାନା ଅଧିକାରୀ ଶରତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ରାଉନସୁଗାର କାରବାର ସମ୍ପର୍କରେ ସୂଚନାନାହିଁ। ତଥ୍ୟମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ତଦନ୍ତ କଲେ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ

## ସୂଚନା ଅଧିକାର କର୍ମୀଙ୍କୁ ଅସଦାଚରଣ ମାମଲା

ଦଶରଥପୁର, ୧୩।୩ (ସୁଶାନ୍ତ କୁମାର ବେହୁରିଆ):

ସୂଚନା ଅଧିକାର କର୍ମୀ ସୀମାନ୍ତ ପାତ୍ରଙ୍କୁ ଅସଦାଚରଣ ମାମଲାର ତଦନ୍ତ ଆରମ୍ଭ ହୋଇଛି। ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ ଓ ବିଞ୍ଝାରପୁର ଥାନା ଅଧିକାରୀ ବାମଦେବ ନନ୍ଦ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରୀ ସୀମାନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା କରିଛନ୍ତି। ଏଥିସହିତ ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରିଛନ୍ତି। ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ପୋଲିସ ତଦନ୍ତ ପରେ ସୂଚନା ଅଧିକାର କର୍ମୀ ସୀମାନ୍ତ ନ୍ୟାୟ ପାଇବା ପାଇଁ ଆଶାବାଦୀ ଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ମାଡ଼ି ବସିଛନ୍ତି ୨୦,୪୩୫ ଏକର: ଯାଜପୁରରେ ସର୍ବାଧିକ

ଭୁବନେଶ୍ୱର, ୧୩।୩ (ରବିନାରାୟଣ ଜେନା):

ରାଜ୍ୟରେ ବେଆଇନ ଭାବେ କିଭଳି ସରକାରଙ୍କ ଅନାବଦୀ ଜମି ଲୋକେ ମାଡ଼ି ବସିଛନ୍ତି ତା'ର ଗୁମର ଆଜି ଗୃହରେ ଖୋଲିଛି। ସରକାରଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ଅଦ୍ୟାବଧୀ ୨୦ ହଜାର ୪୩୫ ଏକର ଅନାବାଦୀ ଜମି ଜବରଦଖଲରେ ରହିଛି। ସେହିପରି ୪ ହଜାର ୯୧୮ ଏକର ଗୋଚର ଜମି ଲୋକେ କବଜା କରି ରଖିଛନ୍ତି ।

ଗୁରୁବାର ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲ୍ଲାରେ ସର୍ବାଧିକ ୭୧୬୦ ଅନାବାଦୀ ଜମି ଜବର ଦଖଲଭୁକ୍ତ ରହିଛି। ସେହିପରି ସମ୍ବଲପୁରରେ ୪୪୦୩ ଏକର ଅନାବାଦୀ ଜମି ଜବର ଦଖଲରେ ରହିଥିବାବେଳେ ମୟୂରଭଞ୍ଜରେ ୨୨୨୪ ଏକର ଅନାବାଦୀ ଜମି ଜବର ଦଖଲଭୁକ୍ତ ରହିଛି। ମାତ୍ର ବୌଦ୍ଧ, ବାଲେଶ୍ୱର, ଗଞ୍ଜାମ, ଝାରସୁଗୁଡ଼ା, କେନ୍ଦୁଝର, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, କୋରାପୁଟ ଓ ସୁବର୍ଣ୍ଣପୁରରେ କୌଣସି ଅନାବଦୀ ଜମି ଜବରଦଖଲ ହୋଇ ନଥିବା ମନ୍ତ୍ରୀ ଦର୍ଶାଇଛନ୍ତି।

# ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

## ଅନ୍ନପୂର୍ଣ୍ଣା ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟ

ଦଶରଥପୁର, ୧୩।୩ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ ଧନିପୁରସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଗୁରୁବାର ଆମ ସାଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ସତ୍ୟାନନ୍ଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା, ଏବିଇଓ ନୃସିଂହ ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ ସିଆରସିସି ଗୌତମ ବେହେରା, ସମ୍ମାନିତ ଅତିଥିଭାବେ ଥାଲକୁଡ଼ି ସରପଞ୍ଚ ଗୀତାଞ୍ଜଳି ସେଠୀ, ଧରାମପୁର ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମରେଶ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କଳାକାର ଧୀରେନ୍ଦ୍ର ବେହେରା, ପର୍ଶୁରାମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମାଟି ନିର୍ମିତ ବିଭିନ୍ନ କଳାକୃତି ପ୍ରଦର୍ଶନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀଶିକ୍ଷକ ରାଜେନ୍ଦ୍ର ସାହୁ, ବିଶ୍ୱଜିତ ମଢ଼ାଇ, ସଞ୍ଜୀବ ପଢ଼ିହାରୀ, ସୌଦାମିନୀ ମହାପାତ୍ର, ଲଳନା ନାୟକ ଓ କଳ୍ପିତା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଷ୍ଟେନ୍‌ଲେସ୍ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପର ବାର୍ଷିକ ସମ୍ମିଳନୀ

କଳିଙ୍ଗନଗର, ୧୩।୩ (ଶୁଭାଶିଷ ରାଉତ):

କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନ ଦ୍ୱାରା ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପର ବାର୍ଷିକ ସମ୍ମିଳନୀ ଦାନଗଦି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ର ଯାଜପୁର ପ୍ଲାଣ୍ଟ ମୁଖ୍ୟ ଦୀପକ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପର ଉପକାରିତା ଉପରେ ଆଲୋକପାତ କରିଥିଲେ। ଗ୍ରାମ୍ୟ ପରିବେଶ ଆବର୍ଜନା ମୁକ୍ତ ନ ହେଲେ ବିଭିନ୍ନ ମାରାତ୍ମକ ରୋଗ ବ୍ୟାପିବା ସହିତ ଧନଜୀବନ ହାନି ହେବାର ସମ୍ଭାବନା ଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ପ୍ରକଳ୍ପର ସଫଳ ପରିଚାଳନା ପାଇଁ ଜନସହଯୋଗିତା ଏବଂ ଜନସହଭାଗିତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ମୁଖ୍ୟଅତିଥି ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ ଯୋଗଦେଇ ଏହି ଅଭିଯାନ ସୋଲେଇ, ସିଙ୍ଗାଗଡିଆ ଏବଂ ଦାନଗଦି ଗ୍ରାମଗୁଡିକରେ ସ୍ୱଚ୍ଛତା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମ୍ୟ ପରିବେଶ ସ୍ୱଚ୍ଛତା ସମ୍ବନ୍ଧୀୟ ଦଳଗତ ଆଲୋଚନାରେ ସ୍ଥାନୀୟ ଗ୍ରାମରୁ ଆସିଥିବା ନେତୃସ୍ଥାନୀୟ ବ୍ୟକ୍ତି, ଜେଏସଏଲର ଅଧିକାରୀ, ତ୍ରିଜଙ୍ଗା ପଞ୍ଚାୟତର ନାଏବ ସରପଞ୍ଚ ଏବଂ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଂଶଗ୍ରହଣ କରି ପ୍ରକଳ୍ପର ଦିଗଗୁଡ଼ିକ ଉପରେ ଅବଲୋକନ କରିଥିଲେ। କାର୍ଯ୍ୟକ୍ରମରେ ସୋଲେଇ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କ ମତାମତ ବେଶ ଉତ୍ସାହ ଜନକ ଥିଲା। ପ୍ରକଳ୍ପ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନ କିପରି ସୋଲେଇ ଗ୍ରାମକୁ ଆବର୍ଜନା ମୁକ୍ତ କରିବାର ପ୍ରୟାସ ଜାରି ରଖିଛି ତାହା ସମ୍ପୂର୍ଣ୍ଣ ରୂପେ ବାରି ହୋଇ ପଡିଥିଲା। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପରେ ଉଲ୍ଲେଖନୀୟ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସର ସ୍ୱେଚ୍ଛାସେବୀ ସଂସ୍ଥା ସହଭାଗୀ, ଗ୍ରୀନ ଡ୍ରିମ ଫାଉଣ୍ଡେଶନର ନିର୍ଦ୍ଦେଶକ ଆଶିଷ ସଚଦେବ ପରିଚାଳନା କରିଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ପିଶାଚ ସାଜିଥିଲେ ବାପା,ଜେଜେମା'

## ଫିଟିଲା ୨ ନାବାଳକ ଭାଇ ହତ୍ୟା ଗୁମର

■ଶୋଇଥିବା ବେଳେ ଗଳାରେ ଗାମୁଛା ଭିଡି କରାଯାଇଥିଲା ହତ୍ୟା
■ହତ୍ୟାକୁ ଲୁଚାଇବା ପାଇଁ ମୃତଦେହକୁ ଝୁଲାଇ ଦିଆଯାଇଥିଲା
■ବାପାଙ୍କ ୨ୟ ବିବାହକୁ ବିରୋଧ ମହଙ୍ଗା ପଡିଲା

ନୟାଗଡ଼,୧୩।୩(ଲୋକନାଥ ମିଶ୍ର)

ଧାନଚେଙ୍ଗେଡ଼ା ଗାଁର ଆକାଶ (୧୪) ଓ ତାଙ୍କ ସାନଭାଇ ବିକାଶ ମହାନ୍ତି (୯)ଙ୍କୁ ହତ୍ୟା କରିବା ଅଭିଯୋଗରେ ନୟାଗଡ଼ ଜିଲା ଫତେଗଡ ଥାନା ପୋଲିସ ମୃତକଙ୍କ ବାପା ପ୍ରକାଶ ମହାନ୍ତି (୪୦) ଓ ଜେଜେମା ସଉରୀ ମହାନ୍ତି(୬୮)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି। ୨ ନାବାଳକଙ୍କୁ ଶୋଇବା ଅବସ୍ଥାରେ ସେମାନଙ୍କ ଗଳାରେ ଗାମୁଛା ଭିଡ଼ି ଗତ ୯ ତାରିଖ ରାତିରେ ବାପା ଓ ଜେଜେମା ହତ୍ୟା କରିଥିଲେ। ଏହି ଘଟଣାକୁ ଆତ୍ମହତ୍ୟାର ରୁପ ଦେବା ପାଇଁ ଉଭୟେ ରଚିଥିବା ନାଟକର ଗୁମର ଖୋଲିଛି। ବାପାଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରିବାରୁ ମାଆ,ପୁଅ ମିଶି ନାବାଳକଦ୍ୱୟଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିବା ନୟାଗଡ଼ ଏସ୍‌ପି ଏସ. ସୁଶ୍ରୀ ଗୁରୁବାର ନୟାଗଡ଼ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀ ସୂଚନା ଦେଇଛନ୍ତି।




ଗୁରୁବାର କୋର୍ଟ ଚାଲାଣ ହୋଇଥିବା ହତ୍ୟା ଅଭିଯୁକ୍ତ ପ୍ରକାଶ ଓ ତାଙ୍କ ମା'।

ଏସ୍‌ପି କହିଛନ୍ତି, ଧାନଚେଙ୍ଗେଡ଼ା ଗାଁର ପ୍ରକାଶ ମହାନ୍ତି ଆଜକୁ ୧୬ ବର୍ଷ ତଳେ କୁମା ମହାନ୍ତିଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କ ଆକାଶ ଓ ବିକାଶ ନାମରେ ୨ ପୁଅ ଥିଲେ। ସାଢ଼େ ୨ ବର୍ଷ ତଳେ କୁମାଙ୍କ ପରଲୋକ ଘଟିଥିଲା । ଏହାପରେ ପ୍ରକାଶ ଦ୍ୱିତୀୟ ବିବାହ କରିବାକୁ ଯୋଗାଯୋଗରେ ଥିଲେ। ହେଲେ ବଡ଼ପୁଅ ଆକାଶ ବାପାଙ୍କର ୨ୟ ବିବାହକୁ ବିରୋଧ କରୁଥିଲେ। ଗତ ୯ ତାରିଖରେ ଭୁବନେଶ୍ୱରରୁ ଏକ ବିବାହ ପ୍ରସ୍ତାବ ଆସିଥିଲା। ପ୍ରକାଶ ଓ ତାଙ୍କ ମା' ବିବାହ ଶୀଘ୍ର ସାରିବାକୁ କଥା ଦେଇଥିଲେ। ହେଲେ ଏ କଥା ଶୁଣିବା ପରେ ବାପାଙ୍କ ବିବାହକୁ ଆକାଶ ବିରୋଧ କରିଥିଲେ। ଏହାକୁ ନେଇ ବାପାଙ୍କ ସହିତ ତାଙ୍କର ପାଟିତୁଣ୍ଡ ଓ ଯୁକ୍ତିତର୍କ ହୋଇଥିଲା। ଶେଷରେ ଉଭୟ ପୁଅଙ୍କୁ ରାସ୍ତାରୁ ହଟାଇବା ପାଇଁ ପ୍ରକାଶ ଯୋଜନା ପ୍ରସ୍ତୁତ କରିଥିଲେ। ରାତିରେ ଖାଇସାରି ୨ ପୁଅ ଖଟରେ ଶୋଇଥିଲେ। ଏହାକୁ ସୁଯୋଗ ଭାବି ପ୍ରକାଶ ଓ ତାଙ୍କ ମା' ମିଶି ଉଭୟ ନାବାଳକଙ୍କ ଗଳାରେ ଗାମୁଛା ଭିଡି ହତ୍ୟା କରିଥିଲେ। ପ୍ରକାଶ ଏକ ଶାଢ଼ିକୁ ୨ ଖଣ୍ଡ କରି ୨ ଭାଇଙ୍କୁ ଛାତର ଏକ ବାଉଁଶରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ। ଏହାପରେ ପ୍ରକାଶ ଘରୁ ଅନ୍ୟତ୍ର ପଳାଇ ଯାଇଥିଲେ। ୧୦ ତାରିଖ ଭୋର ସମୟରେ ଜେଜେମା ୨ ନାତି ଆତ୍ମହତ୍ୟା କରିଥିବା ନେଇ ଗାଁ ଲୋକଙ୍କୁ କହିଥିଲେ। ଆତ୍ମୀୟ ଓ ପଡ଼ୋଶୀମାନେ ୨ ମୃତଦେହକୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଅଭିଯୋଗ ପାଇ ପୋଲିସ ପହଞ୍ଚି ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଆକାଶ ଓ ବିକାଶଙ୍କ ମାମୁ ଲକ୍ଷ୍ମଣ ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମାଲା(ନଂ.୬୧ /୨୫) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ଅନ୍ୟ କେଉଁମାନେ ସଂପୃକ୍ତ ଅଛନ୍ତି ସେ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

## ନୀଳମାଧବଙ୍କ ଦୋଳ ଉତ୍ସବ, ହୋଲିକା ଦହନ

ଖଣ୍ଡପଡ଼ା,୧୩।୩(ଅଜୟ କୁମାର ମହାରଣା)–ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀ ନୀଳମାଧବଜୀଉଙ୍କ ଅନ୍ୟାନ୍ୟ ପର୍ବ ପର୍ବାଣି ଭଳି ଦୋଳ ଓ ମେଣ୍ଢାଶାଳ ପୋଡ଼ି(ହୋଲିକା ଦହନ) ଉତ୍ସବ ଅନ୍ୟତମ । ଫାଲଗୁନ ଦଶମୀ ବା ଫଗୁ ଦଶମୀଠାରୁ ନୀଳମାଧବଜୀଉଙ୍କ ଦୋଳଉତ୍ସବ ଆରମ୍ଭ ହୋଇଥାଏ । ଗୁରୁବାର ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ସିଂହଦ୍ୱାରସ୍ଥିତ ଦୋଳବେଦୀକୁ ହାନ୍ଦୋଳାରେ ବିଜେ କରାଇ ପୂଜାର୍ଚ୍ଚନା ପରେ ଠାକୁରଙ୍କ ଫଗୁ ଖେଳ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦୋଳବେଦୀ ନିକଟରେ ଦେବୋତ୍ତର ବିଭାଗ ଦ୍ୱାରା ନିର୍ମିତ ଏକ ଚାଳ ଘରକୁ ଅଗ୍ନି ସଂଯୋଗ କରାଯାଇଥିଲା । ଏହି ସମୟରେ ଶ୍ରୀଜୀଉଙ୍କୁ ପୋଡି ଯାଉଥିବା ଏହି ଗୃହର ଚତୁଃପାର୍ଶ୍ୱରେ ୭ ଥର ପରିକ୍ରମା କରାଯାଇଥିଲା । ପରେ ଠାକୁର ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପୁରାଣ ତଥା ଲୋକ କଥାନୁଯାୟୀ ଅତ୍ୟାଚାରୀ ମେଷାସୁର(ମେଣ୍ଢାସୁର)ର ଅତ୍ୟାଚାରରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଅତ୍ୟାଚାରୀ ମେଣ୍ଢାସୁରର ମୁଖ୍ୟଗହ୍ୱର ମଧ୍ୟକୁ ପ୍ରବେଶ କରି ମେଣ୍ଢାସୁରକୁ ବଧ କରିଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଲାଗିଥିବା ରକ୍ତଛିଟାକୁ ଭୂମିରେ ପଡିବାକୁ ନ ଦେଇ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ଦେହରେ ଫଗୁ ବା ଅବିର ବୋଳି ଦେଇଥିଲେ । ଅତ୍ୟାଚାରୀର ବଧ ପରେ ଗୋପାଙ୍ଗନାମାନେ ଆନନ୍ଦରେ ଅସୁରର ଗୃହକୁ ପୋଡ଼ି ଦେଇଥିଲେ । ଲୋକ କଥା ଅନୁଯାୟୀ ଏହାକୁ ମେଣ୍ଢାଶାଳ ପୋଡ଼ି କୁହାଯାଏ ।



ଖଣ୍ଡପଡାରେ ଆୟୋଜିତ ହୋଲିକା ଦହନ ଉତ୍ସବ।

## ଏସ୍‌ପିଙ୍କୁ ଫେରାଦ ହେଲେ ମାମୁଘର ଲୋକେ



ଏସ୍‌ପିଙ୍କୁ ସାକ୍ଷାତ କରିବାକୁ ଆସିଥିବା ମାମୁ ଘର ଲୋକଙ୍କ ସହ ଗ୍ରାମବାସୀ।

### ଧାନଚେଙ୍ଗେଡା ୨ ନାବାଳକ ହତ୍ୟା ଘଟଣା
### ୪ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବି

ନୟାଗଡ଼,୧୩।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ଼ ଥାନା ଧାନଚେଙ୍ଗେଡା ଗାଁରେ ଆକାଶ (୧୪) ଓ ସାନ ଭାଇ ବିକାଶ ମହାନ୍ତି (୯) ହତ୍ୟା ଘଟଣାରେ ବାପା ପ୍ରକାଶ ମହାନ୍ତି (୪୦) ଓ ଜେଜେମା ସଉରୀ ମହାନ୍ତି(୬୮) ଜେଲ ଯାଇଛନ୍ତି। ତେବେ ହତ୍ୟାରେ ସଂପୃକ୍ତ ଅନ୍ୟ ୪ ଅଭିଯୁକ୍ତ ଏଯାବତ ଗିରଫ ନ ହୋଇ ଘୁରି ବୁଲୁଛନ୍ତି। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ମୃତ ୨ ନାବାଳକଙ୍କ ମାମୁ, ମାଇଁ, ଅଜା ଓ ଆଈ, ମାମୁଘର ଗାଁର ଲୋକମାନେ ଏସ୍‌ପିଙ୍କୁ ଭେଟି ଦାବି କରିଛନ୍ତି। ଏନେଇ ଆଈ ତଥା ଖଣ୍ଡପଡ଼ା ଥାନା କୁଞ୍ଜବେଲି ଗାଁର ମାଗୁଣି ନାୟକ କୁହନ୍ତି, ମୋ ଝିଅ ଭଲ ନୁହେଁ କହି ଶାଶୁ ଘର ପକ୍ଷରୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଝିଅକୁ ନ୍ୟାୟ ଦେବା ପାଇଁ ମୁଁ ବାରମ୍ବାର ପୋଲିସକୁ ଅବଗତ କରାଇଛି। ତେବେ ଶାଶୁଘର ପକ୍ଷରୁ ମୋ ଝିଅକୁ ପାଗଳ କରାଇ ମାରି ଦେଇଥିଲେ। ସେତେବେଳେ ମୋ ଝିଅ ଆତ୍ମହତ୍ୟା କରିଥିବା କହିଥିଲେ। ୨ ନାତିଙ୍କ ଭବିଷ୍ୟତକୁ ଦେଖି ମୋ ଝିଅର ମୃତ୍ୟୁ ନେଇ ଚୁପ ରହିଥିଲି। ଅଢ଼େଇ ବର୍ଷ ତଳେ ଝିଅର ମୃତ୍ୟୁ ପରେ ଆମେ ୨ ନାତିକୁ ଘରକୁ ନେଇ ଯାଇଥିଲୁ। ମୋ ନାତିଦ୍ୱୟ ଆମ ଘରେ ଖୁସିରେ ଥିଲେ। ହେଲେ ତାଙ୍କ ପିଉସା ପିଇସୀ, ବାପା ଜୋରଜବରଦସ୍ତ ସେମାନଙ୍କୁ ନିଜ ଘରକୁ ଆଣି ମାରି ଦେଲେ। ସେମାନଙ୍କ ହତ୍ୟାକୁ ପୁଣି ଆତ୍ମହତ୍ୟାର ରୂପ ଦେଲେ। ହେଲେ ଏଥର ମୁଁ ଆଉ ଚୁପ ରହିଲିନି। ସତ କ'ଣ ତାହା ପର୍ଦ୍ଦାଫାସ କରିବାକୁ ଉଦ୍ୟମ କଲୁ। ୨ନାତି ହତ୍ୟା ଘଟଣାରେ ପୋଲିସ ବାପା ଓ ଜେଜେମାଙ୍କୁ ଗିରଫ କରିଛି। ତେବେ ପିଇସା ସୁବାସ ଜେନା ଓ ପିଉସୀ ମିନି ଜେନା, ଦୁଇ ସମ୍ପର୍କୀୟ ସଞ୍ଜୟ ମହାନ୍ତି ଓ ତାଙ୍କ ସ୍ତ୍ରୀ ସଞ୍ଜୁ ମହାନ୍ତି ଗିରଫ ହୋଇନାହାନ୍ତି। ଏହି ୪ଜଣ ମୋର ନାତିଦ୍ୱୟଙ୍କୁ ହତ୍ୟା କରିବାରେ ଭାଗିଦାର ଅଛନ୍ତି ବୋଲି ସେ କହିଛନ୍ତି । ସେମାନଙ୍କୁ ଗିରଫ ନ କଲେ ମୋ ଦୁଇ ନାତିର ଆତ୍ମା ଶାନ୍ତି ପାଇବନି। ମୋ ନାତିର ହତ୍ୟାକାରୀଙ୍କୁ ଫାଶି ଦିଆଯାଉ ବୋଲି ସେ କାନ୍ଦି କାନ୍ଦି କହିଛନ୍ତି। ମାମୁ ଲକ୍ଷ୍ମଣ ନାୟକ କୁହନ୍ତି, ମୋ ଭିଣୋଇ ତାଙ୍କର କିଛି ଜମି ଭଉଣୀଙ୍କୁ ଦେବା ପରେ ବିବାଦ ଉଠିଥିଲା। ବଡ ଭଣଜା ଏହାର ପ୍ରତିବାଦ କରିବାରୁ ଘରେ କନ୍ଦଳ ହୋଇଥିଲା। ସେହିପରି ଦ୍ୱିତୀୟ ବିବାହକୁ ନେଇ ସେ ପ୍ରତିବାଦ କରିଥିଲା। ଗତ ୯ ତାରିଖରେ ମୋ ଭିଣୋଇଙ୍କ ପରିବାର ଓ ସମ୍ପର୍କୀୟମାନେ ମିଳିମିଶି ମୋ ୨ ଭଣଜାଙ୍କୁ ହତ୍ୟା କରିଛନ୍ତି। ଏନେଇ ଏସ୍‌ପି ଏସ୍. ସୁଶ୍ରୀ କୁହନ୍ତି, ଦୁଇ ନାବାଳକ ହତ୍ୟାକାଣ୍ଡ ଘଟଣାରେ ବାପା ଓ ଜେଜେମା ଗିରଫ ହୋଇଛନ୍ତି। ଅନ୍ୟ ଯେଉଁମାନଙ୍କ ସଂପୃକ୍ତି ଅଭିଯୋଗ ଆସୁଛି ତଦନ୍ତ ଚାଲୁଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବର୍ଷା



@ ପ୍ରଭୁ ପ୍ରସାଦ



@ ପ୍ରଦୀପ



@ ରାହୁଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମଗରବନ୍ଧ ଉପରସାହିରେ ପାଣି ପାଇଁ ହାହାକାର

■ପାନୀୟଜଳ ପ୍ରକଳ୍ପ ଅଛି, ପାଇପ୍ ସଂଯୋଗ ହୋଇନି
■ନଳକୂପରୁ ବାହାରୁଛି ଅପରିଷ୍କାର ଜଳ
■ଗ୍ରାମର ମହିଳାମାନେ ଅନ୍ୟ ଗାଁରୁ ଆଣିଛନ୍ତି ପାଣି

ନୟାଗଡ,୧୩।୩(ଲୋକନାଥ ମିଶ୍ର)



ମହିଳାମାନେ ଅନ୍ୟ ଗାଁକୁ ପାଣି ଆଣିବାକୁ ଯାଉଛନ୍ତି।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଗରବନ୍ଧ ଉପରସାହିରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ରାତି ପାହିଲେ ପାଣି ପାଇଁ ହାହାକାର ପଡୁଛି। ଉପରସାହିର ନଳକୂପ ଜଳ ପାନୀୟ ଉପଯୋଗୀ ନୁହେଁ । ସେଥିପାଇଁ ଲୋକମାନେ ସେହି ପାଣିକୁ ବ୍ୟବହାର କରୁ ନାହାନ୍ତି। ଅନ୍ୟପକ୍ଷେ ପାନୀୟ ଜଳ ପ୍ରକଳ୍ପ କାମ ସରିଛି । ହେଲେ ପାଇପ୍ ସଂଯୋଗ ହୋଇ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଏଭଳିସ୍ଥଳେ ପାନୀୟଜଳ ପାଇଁ ସ୍ଥାନୀୟ ଲୋକ ୪୦୦ ମିଟର ଦୂରକୁ ଯାଇ ନଳକୂପରୁ ପାନୀୟଜଳ ସଂଗ୍ରହ କରୁଛନ୍ତି। ପାଣି ପାଇଁ ଲୋକେ ଧାଡି ବାନ୍ଧି ବହୁ ସମୟ ଠିଆ ହେଉଥିବା ଦେଖିବାକୁ ମିଳିଛି।

ପାନୀୟଜଳ ସମସ୍ୟାର ସମାଧାନ ପାଇଁ ଉପରସାହି ଲୋକମାନେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲାପାଳ, ଉପଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏନେଇ ମମି ଦଳବେହେରା କୁହନ୍ତି, ମଗରବନ୍ଧ ଉପରସାହିର ନଳକୂପ ପାଣି ଗୋଳିଆ ବାହାରୁଛି। ଏହା ପାନୀୟ ଜଳ ଉପଯୋଗୀ ନୁହେଁ। ମଗରବନ୍ଧରେ ପାନୀୟଜଳ ପ୍ରକଳ୍ପ ଅଛି। ଅଥଚ ପ୍ରକଳ୍ପରୁ ଗୋଡିସାହି ଓ ତଳସାହିର ଲୋକ ପାଣି ପାଉଛନ୍ତି। ଉପରସାହିର କିଛି ପରିବାର ପାଣି ପାଉଛନ୍ତି। ଆମ ସାହିର ୧୦୦ ପରିବାର ପାନୀୟ ଜଳ ନ ପାଇ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଜେମା ନାୟକ କୁହନ୍ତି, ମଗରବନ୍ଧ ପାଇଁ ପାନୀୟଜଳ ପ୍ରକଳ୍ପ କରାଯାଇଛି ହେଲେ ଆମ ସାହିକୁ କାହିଁକି ପାଇପ ପଡିଲାନାହିଁ ବୁଝା ପଡୁନି । ଯଦି ଆମ ସାହି ଉଠାଣିରେ ରହିଛି ତେବେ ପାଣି ପାଇଁ ବିକଳ୍ପ ବ୍ୟବସ୍ଥା କରାଇବା ଦରକାର। ପାଣି ସମସ୍ୟା ନେଇ ଆମ ସାହି ଲୋକ ବାରମ୍ବାର ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କୁ ଜଣାଇ ଆସିଥିଲେ ମଧ୍ୟ ସୁଫଳ ମିଳିନାହିଁ। ସୁନିତା ମାର୍ଥା ଓ ବନିତା ନାୟକ କୁହନ୍ତି, ମଗରବନ୍ଧ ଉପରସାହିରେ ୧୨୦ ପରିବାରର ୬ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏଥିରୁ ୨୦ ପରିବାର ପାନୀୟଜଳ ପ୍ରକଳ୍ପରୁ ପାଣି ପାଉଛନ୍ତି। ହେଲେ ଆମେ ପାନୀୟଜଳ ପାଇବା ପାଇଁ ବ୍ୟବସ୍ଥା କରାଯାଇନି। ତଳସାହି ଓ ଗୋଡିସାହିରେ ପାଣିର ଅଭାବ ନ ଥିବାବେଳେ ଆମକୁ ଅଣଦେଖା କରାଯାଉଛି। ଏଣୁ ଆମେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛୁ। ବାସନ୍ତୀ ପ୍ରଧାନ କୁହନ୍ତି, ପାନୀୟ ଜଳ କ୍ଷେତ୍ରରେ ହଟହଟା ହେଉଥିବା ଲୋକଙ୍କର ଦୁଃଖ ବ୍ଲକ କି ଜିଲା ପ୍ରଶାସନ ଜାଣି ପାରୁନି। ପୁଣି ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ମଧ୍ୟ ଜାଣି ଶୁଣି ଅଣଦେଖା କରୁଛି। ପାନୀୟଜଳ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ ପରେ ସୁଫଳ ମିଳି ନ ଥିବାରୁ ଆମେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ସେ କହିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳ ଶିଡ଼ି ତଳୁ ଯୁବକଙ୍କ ମୃତଦେହ ଜବତ

ଖଣ୍ଡପଡ଼ା,୧୩।୩(ଅଜୟ କୁମାର ମହାରଣା): ଶ୍ରୀନୀଳମାଧବ ପୀଠ କଣ୍ଟିଲୋ ବଜାର ଓ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ମୁଖ୍ୟ ରାସ୍ତା ତାରେଣୀ ମନ୍ଦିର ନିକଟରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ବାହାର ଶିଡି ତଳେ ଜଣେ ଯୁବକଙ୍କ ମୃତଦେହ ପଡିଥିଲା । ଗୁରୁବାର ଭୋର ସମୟରେ ସ୍ଥାନୀୟ ଲୋକମାନେ ଏହା ଦେଖି କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କୁ ଜଣାଇଥିଲେ । ପୋଲିସ ତଦନ୍ତ ଆରମ୍ଭ କରିଛି । ମୃତ ଯୁବକଙ୍କ ନିକଟରେ ଗୋଟିଏ ହେଲମେଟ, ବ୍ୟାଗ, ଖାଲି ମଦ ଓ ପାଣି ବୋତଲ ଥିବା ବେଳେ ଅଳ୍ପ ଦୂର ପଞ୍ଚମୁଖି ହନୁମାନ ମନ୍ଦିର ନିକଟରେ ତାଙ୍କର ସ୍କୁଟି(ନଂ.ଓଡି ୫ ବିପି ୬୭୮୧) ରହିଛି। ତଦନ୍ତ ପରେ ମୃତକଙ୍କ ପରିଚୟ ମିଳିଛି। ସେ ହେଲେ କଟକ ଜିଲା କାନପୁର ଥାନା ବୋକଡା ଗ୍ରାମର ଦିଲ୍ଲୀପ କୁମାର ଆରୁଖ(୪୫) । ତାଙ୍କ ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିଛନ୍ତି । ତାଙ୍କ ଭାଇ ହେମନ୍ତ କୁମାର ଆରୁଖ କହିଛନ୍ତି, ଦିଲୀପ ନରସିଂହପୁର ବିଦ୍ୟୁତ ବିଭାଗ(ଟିପିସିଓଡିଏଲ)ରେ କିରାଣୀ ଭାବେ କାମ କରୁଥିଲେ। ତାଙ୍କର ଏକ ଝିଅ ଅଛନ୍ତି । ମୃତ୍ୟୁର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୩/୨୦୨୫)ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି ।

## ବନ୍ୟପ୍ରାଣୀ ମାଂସ,ଦେଶୀ ବନ୍ଧୁକ ଜବତ

### ୪ ଶିକାରୀ ଫେରାର

ଓଡଗାଁ,୧୩।୩
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ମଗରବନ୍ଧ ପଞ୍ଚାୟତ ବିଟଲଗାଡ଼ିଆ ଗ୍ରାମ ସଂଲଗ୍ନ ଶୁଳିଆ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ କର୍ମଚାରୀମାନେ ଗୁରୁବାର ସକାଳେ ପାଟ୍ରୋଲିଂ କରୁଥିଲେ । ସେଠାରୁ ବ୍ୟାଗ୍‌ରେ ଥିବା ବନ୍ୟପ୍ରାଣୀ ମାଂସ, ୨ ଛୁରି ସହିତ ଏକ ଦେଶୀ ବନ୍ଧୁକ ଜବତ କରିଛନ୍ତି । ସୂଚନା ଅନୁଯାୟୀ, ବନପାଳ ସରିତା ବରାଳ ଓ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇଙ୍କ ସହିତ ୨ ବନ ସୁରକ୍ଷା ବାହିନୀ ସେଠାରେ ପାଟ୍ରୋଲିଂ କରୁଥିଲେ । ସରଂକ୍ଷିତ ଜଙ୍ଗଲ ନିକଟସ୍ଥ ଏକ ବିଲହୁଡାରେ ୪ ଜଣ ବ୍ୟକ୍ତି ଏକ ଦେଶୀ ବନ୍ଧୁକ ସହିତ ଏକ ବ୍ୟାଗ ଝୁଲାଇ ଯାଉଥିବା ଦେଖିବାକୁ ପାଇଥିଲେ । ବନ କର୍ମଚାରୀ ସେମାନଙ୍କ ପିଛା କରିବାରୁ ସେମାନେ ବ୍ୟାଗ୍ ଫୋପାଡ଼ି ବନ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୌଡ଼ି ଚାଲିଯିବା ସହିତ ବନ୍ଧୁକ ମଧ୍ୟ ଫିଙ୍ଗି ଦେଇଥିଲେ। ଫଳରେ ବନ୍ଧୁକରୁ ଗୁଳି ଫୁଟିଥିଲା । ହେଲେ ବନ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିଲେ । ବନ ବିଭାଗ ଜବତ ବ୍ୟାଗରୁ ବନ୍ୟ ପ୍ରାଣୀ ମାଂସ ସହିତ ୨ ଛୁରି ଓ ଦେଶୀ ବନ୍ଧୁକ ଜବତ କରିଛନ୍ତି । ଏନେଇ ଏକ ମାମଲା(ନଂ.୩୮/୨୦୨୫) ରୁଜୁ ହୋଇଛି । ଖୁବ୍ ଶୀଘ୍ର ଶିକାରୀମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ରେଞ୍ଜର ନିଖିଳେଶ ମଲିକ ସୂଚନା ଦେଇଛନ୍ତି ।



ଜବତ ମାଂସ ସହ ୨ ଛୁରି ଓ ଦେଶୀ ବନ୍ଧୁକ।

**ଚତୁର୍ଦ୍ଦଶୀ ତିଥିରେ ଉତ୍ସବ ମୁଖର ଭକ୍ତ ବିଦୁରଙ୍କ ମନ୍ଦିର**

# ଦହି ପଖାଳ, ଶାଗଭଜା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଡେରାବିଶ, ୧୩।୩, (ବେବର୍ତ୍ତା ଅଜୟ ଦାସ)

ଓଡ଼ିଶାର ପ୍ରସିଦ୍ଧ ଦୋଳ ମେଳଣ ମଧ୍ୟରୁ ଓଲକଣା ମେଳଣର ସ୍ୱତନ୍ତ୍ରତା ରହିଛି। ଏହି ମେଳଣର ଅବ୍ୟବହିତ ପୂର୍ବରୁ ଡେରାବିଶ ବ୍ଲକ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତର ଅରାଖଣ୍ଡସ୍ଥିତ ଭକ୍ତ ବିଦୁରଙ୍କ ମନ୍ଦିର ଚତୁର୍ଦ୍ଦଶୀ ତିଥି ଗୁରୁବାର ଉତ୍ସବ ମୁଖର ହୋଇ ଉଠିଛି। ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଦହି ପଖାଳ ଓ ଶାଗ ଭଜା ପ୍ରସାଦ ବିଦୁରଙ୍କ ନିକଟରେ ନୈବେଦ୍ୟ ପାଇଁ ଭିଡ଼ ଜମାଇଛନ୍ତି। ପ୍ରାତଃରୁ ମନ୍ଦିରରେ ପୂଜାର୍ଚ୍ଚନା ପରେ ଦହି ପଖାଳ ଓ ଶାଗ ଭଜା ପ୍ରସ୍ତୁତ କରି ଶ୍ରଦ୍ଧାଳୁମାନେ ନୈବେଦ୍ୟ ପାଇଁ ଭିଡ ଜମାଇଥିଲେ। ଏଥିସହ ଘଣ୍ଟ ସଂକୀର୍ତ୍ତନ ସହ ଭକ୍ତଙ୍କ ଭାବାବେଗ ପରିବେଶକୁ ସମ୍ପୂର୍ଣ୍ଣ ଭକ୍ତିମୟ କରିଦେଇଥିଲା। ସନ୍ଧ୍ୟାରେ



ଅରାଖଣ୍ଡସ୍ଥିତ ଭକ୍ତ ବିଦୁରଙ୍କ ମନ୍ଦିର।



ଭୋଗ ଲାଗି ଶାଗ ଭଜା ଲାଗି ପ୍ରସ୍ତୁତି ଚାଲିଛି।

ମନ୍ଦିରର ଆଳତି ଦର୍ଶନ ପାଇଁ ମହିଳାଙ୍କ ଭିଡ ଅଧିକ ଦେଖିବାକୁ ମିଳିଥିଲା। ଜନଶ୍ରୁତି ଅନୁଯାୟୀ ଦ୍ୱାପର ଯୁଗରେ ପଞ୍ଚୁ ପାଣ୍ଡବଙ୍କ ସମେତ ମାତା କୁନ୍ତୀ ଓ ସ୍ତ୍ରୀ ଦୌପଦି ବ୍ଲକ ଅଧୀନ ଅରାଖଣ୍ଡସ୍ଥିତ ଭକ୍ତ ବିଦୁରଙ୍କ ମନ୍ଦିରର ଅନତି ଦୁରରେ ଥିବା ଡେରାଢିହଠାରେ ଘଞ୍ଚ ଅରଣ୍ୟାନି ମଧ୍ୟରେ ଅଜ୍ଞାତବାସ କରିଥିଲେ। ଏହି ସମୟରେ ଅରାଖଣ୍ଡ ଗ୍ରାମରେ ଭକ୍ତ ବିଦୁରଙ୍କ ଆଶ୍ରମକୁ ପରମ ଶଖା ଶ୍ରୀକୃଷ୍ଣ ଏହି ଆଶ୍ରମକୁ ଆସିଥିଲେ। କଥିତ ଅଛି ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶଖା ଶ୍ରୀକୃଷ୍ଣଙ୍କୁ ଶାଗ ପଖାଳ ଦେଇ ଅତିଥ୍ୟ ପ୍ରଦାନ କରିଥିବାରୁ ଏହାର ସ୍ମୃତି ସ୍ୱରୂପ ଏହି ଦିନରେ ଶ୍ରଦ୍ଧାଳୁମାନଙ୍କ ଶାଗ ପଖାଳ ନୈବେଦ୍ୟ ଅନୁଷ୍ଠିତ ହୋଇ ଆସୁଥିବା ନେଇ ସାଧାରଣରେ ଆସ୍ଥା ରହିଆସିଛି। ଏଥିସହ ବିଦୁରଙ୍କ ଆତିଥ୍ୟରେ ସନ୍ତୁଷ୍ଟ ହୋଇ ଫାଲଗୁନ ଶୁକ୍ଳ ଚତିର୍ଦ୍ଦଶୀ ତିଥିରେ ହରିହରଙ୍କ ମିଳନ ପର୍ବ ଦର୍ଶନ ପାଇଁ ବିଦୁରଙ୍କୁ ବର ପ୍ରଦାନ କରିଥିଲେ। ଏହାକୁ ଆଧାର କରି ଗୁରୁବାର ରାତିରେ ପ୍ରସିଦ୍ଧ ଓଲକଣା ମେଳଣ ସେବେଠାରୁ ଅନୁଷ୍ଠିତ ହୋଇଆସୁଛି।

## କେସିସିଏଲ୍ ପଟ୍ଟାମୁଣ୍ଡାଇ ଶାଖା ବାର୍ଷିକୋତ୍ସବ

ପଟ୍ଟାମୁଣ୍ଡାଇ, ୧୩।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି (କେସିସିଏଲ) ପଟ୍ଟାମୁଣ୍ଡାଇ ଶାଖାର ୨୨ତମ ସ୍ୱନକ୍ଷତ୍ର ଉତ୍ସବ ସୋସାଇଟି ଶାଖା ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ମାନସ ରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେସିସିଏଲ ସଭାପତି ପ୍ରମୋଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀର୍ଘ ୨୨ବର୍ଷ ହେଲା ପଟ୍ଟାମୁଣ୍ଡାଇ ଶାଖା ସରକାରୀ ନୀତି ନିୟମ ମଧ୍ୟରେ ଉତମ ଗ୍ରାହକ ସେବା ଯୋଗାଉଛି। ଏଥିସହ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅବହେଳିତ ଗରିବ ଲୋକ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ଆର୍ଥିକ ଉନ୍ନତିରେ ସହାୟକ ହୋଇପାରିଛି। ଏହାଦ୍ୱାରା ଦାରିଦ୍ର୍ୟ ଓ ବେକାରୀ ସମସ୍ୟା ଦୂର ହୋଇ ଏକ ଆର୍ଥିକ ସ୍ୱାବଲମ୍ବୀ ସମାଜ ଗଠନ ହୋଇପାରିଛି। ଏହି ଶାଖାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ସଭାପତି ସାହୁ କାମନା କରିଥିଲେ। ଏହି ଅବସରରେ ପଟ୍ଟାମୁଣ୍ଡାଇ ଶାଖାରୁ ବାରମ୍ବାର ଋଣ ନେଇ ଠିକ୍ ସମୟରେ ପରିଶୋଧ କରିଥିବା ଶ୍ରେଷ୍ଠ ଗ୍ରାହକ ପଦ୍ମଜ ନାୟକ ଓ ସ୍ୱର୍ଣ୍ଣଲତା ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ସହକାରୀ ସମ୍ପାଦକ ଅରବିନ୍ଦ ସାହୁ, ସହକାରୀ ସାଧାରଣ ପରିଚାଳକ ରମେଶ ସେଠୀ ସୁଧ ପରିଚାଳକ ସୟଦ ଅନୱରୁ, ରାହାମା ଶାଖା ବରିଷ୍ଠ ପରିଚାଳକ ଦେବାଶିଷ ସାହୁ, ପରିଚାଳକ ନିଗମ ସୁନ୍ଦର ରାୟ, ସମେତ ଆଳି ଶାଖା ପଟ୍ଟାମୁଣ୍ଡାଇ, ରାଜନଗର, ସାଲେପୁର ଶାଖା ଆକାଉଣ୍ଟାଣ୍ଟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ଶାଖା ର କର୍ମଚାରୀମାନେ ପରିଚାଳନା କରିଥିଲେ। ଉତ୍ସବରେ ପଟ୍ଟାମୁଣ୍ଡାଇ ଶାଖାର ଗ୍ରାହକ, ସୋସାଇଟି ସଭ୍ୟାସଭ୍ୟ, ଏଜେଣ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇଥିଲେ।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

## କସ୍ବା ଦୋଳ ମେଳଣରେ ୫୦ ବିମାନ



ମେଳଣ ପଡ଼ିଆରେ ଠାକୁର।

ଡେରାବିଶ, ୧୩।୩, (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅଧୀନ ମେଳଣ ପଡ଼ିଆରେ ଗୁରୁବାର ଅପରାହ୍ନରେ ବହୁ ପ୍ରାଚୀନ କସ୍ବା ଦୋଳ ମେଳଣ ଉଦ୍ୟାପିତ ହୋଇଯାଇଛି। ଏହି କସ୍ବା ମେଳଣ ଅଞ୍ଚଳରେ ବହୁ ସ୍ୱତନ୍ତ୍ରତା ବହନ କରି ଆସୁଥିବାବେଳେ ଏଥିପାଇଁ ମେଳଣ ପଡିଆ ଗୁରୁବାର ଜନସମାଗମ ହୋଇଉଠିଥିଲା। ବିଧି ଓ ପରମ୍ପରା ଅନୁଯାୟୀ ସନ୍ଧ୍ୟାରେ ପ୍ରଥମେ ଘଣ୍ଟ କୀର୍ତ୍ତନ ପଟୁଆର ମଧ୍ୟରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ସୁସଜ୍ଜିତ ଦୋଳ ବିମାନ ଓ ରାଜନଗରର ପଞ୍ଚମୁଖି ଦୋଳ ବିମାନ ଉପବେଶନ କରିବା ପରେ ମେଳଣ ପଡ଼ିଆର ଅନ୍ୟ ଦ୍ୱାରମାନ ଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ୫୦ରୁ ଉର୍ଦ୍ଧ୍ୱ ଅନ୍ୟ ଦୋଳ ବିମାନଗୁଡିକ ପଡ଼ିଆରେ ପ୍ରବେଶ କରି ନିଜ ନିଜ ସ୍ଥାନରେ ଉପବେଶନ କରିଥିଲେ। ପୁଜକମାନଙ୍କ ଦ୍ୱାରା ପୁଜାର୍ଚ୍ଚନା କରାଯାଇ ମାଟିହାଣ୍ଡିରେ ପ୍ରସ୍ତୁତ ଭୋଗ ନୈବିଦ୍ୟ ହେବା ପରେ ମେଳଣ ସମାପ୍ତ ହୋଇଥିଲା। ଏହି ମେଳଣରେ ବହୁ ଲୋକଙ୍କ ଜନସମାଗମ ହୋଇଥିବାବେଳେ ପଡ଼ିଆରେ ପସରା ମେଲାଇଥିବା ବିଭିନ୍ନ ବ୍ୟବସାୟ ଅନୁଷ୍ଠାନରେ ବିଭିନ୍ନ ସାମଗ୍ରୀ କିଣା କିଣି ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଡେରାବିଶ ଥାନାଧିକାରୀ ସରୋଜ ସାହୁଙ୍କ ନେତୃତ୍ୱରେ ମେଳଣ ପଡିଆରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ସେହିପରି ଉକ୍ତ ମେଳଣ ପରିଚାଳନାରେ ଶ୍ରୀଦଧିବାମନଜୀଉ ମନ୍ଦିର ଟ୍ରଷ୍ଟି ନାରାୟଣ ସାହୁ, ଗୋଲରାହାଟ ପଞ୍ଚାୟତ ସରପଞ୍ଚ କାଶୀନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବିପିନ ବିହାରୀ ସାହୁ ପ୍ରମୁଖ ଉଭୟ ସ୍ଥାନର ଅଞ୍ଚଳବାସୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଆଳି ରାଜାରାଜୁଡା ଶାସନ ଅମଳରୁ ଏହି ଦୋଳ ମେଳଣ ଆରମ୍ଭ ହୋଇଥିଲା। ମେଳଣ ସମୟରେ ରାଜା ଓ ରାଣୀ ତତ୍କାଳୀନ ସମୟରେ ଝୁଲଣରେ ବସି ଶ୍ରୀଜୀଉଙ୍କ ଦର୍ଶନ କରୁଥିଲେ ବୋଲି ଅଞ୍ଚଳବାସୀଙ୍କ ସୂତ୍ରରୁ ଜଣାଯାଇଛି।

## ନରସିଂହପୁର ମେଳଣ: ୯୪ ବିମାନ ସାମିଲ

କେନ୍ଦ୍ରାପଡ଼ା, ୧୩।୩(ଜଗନ୍ନାଥ ଧଳ)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ନରସିଂହପୁର ଦୋଳ ମେଳଣ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ଥାନପତି ଝିଙ୍କଡି ମଠ ବିମାନ ପ୍ରଥମେ ମେଳଣ ପଡ଼ିଆରେ ଉପବେଶନ କରିବା ପରେ ବିଭିନ୍ନ ପ୍ରାନ୍ତରୁ ବିମାନ କ୍ରମାନ୍ୱୟରେ ଆସିଥିଲେ। ଚଳିତବର୍ଷ ବିମାନ ଶୋଭାଯାତ୍ରାରେ ଡିଜେକୁ ନିଷିଦ୍ଧ କରାଯାଇଥିବାରୁ ଠାକୁରବାଡିମାନେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଶୋଭାଯାତ୍ରା କରି ମେଳଣ ପଡିଆକୁ ଆସିଥିଲେ। ମେଳଣରେ ୯୪ଟି ବିମାନ ସାମିଲ ହେବାପରେ ଭୋଗ ଲାଗି କରାଯାଇଥିଲା। ପରମ୍ପରା ଅନୁସାରେ ମେଳଣର ସ୍ରଷ୍ଟା କାନୁନ୍‌ଗୋ ପରିବାରର ଇଷ୍ଟ ଦେବତା ଗୋପୀନାଥଜୀଉ ଓ ମେଳଣର ବରଣୀ ଠାକୁର ରାଧାକାନ୍ତ ଜୀଉ ପାଖାପାଖି ଉପବେସନ କରିଥିଲେ। ଏହି ଦୁଇ ବିମାନ ମେଳଣର ସମସ୍ତ ବିମାନ ଯିବା ପର୍ଯ୍ୟନ୍ତ ପଡ଼ିଆରେ ବସି ରହିଥିଲେ। ଏହି ମେଳଣକୁ ସଭାପତି ଅଶୋକ ନନ୍ଦ, ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ, ଯଶୋବନ୍ତ ନାରାୟଣ ପଣ୍ଡା, ଅଧ୍ୟାପକ ନିଶିକାନ୍ତ ପଣ୍ଡା, ନଳିନୀ ରଞ୍ଜନ ପଣ୍ଡା, ଜେମାମଣି ବଳ ଓ ବିଜୟ କୁମାର ପଣ୍ଡାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ଆଇନ୍ ଶୃଙ୍ଖଳା ରକ୍ଷାପାଇଁ ଚାନ୍ଦୋଳ ଫାଣ୍ଡି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତର ରାଜନଗର ମେଳଣ, ଚାଟରାଚକଡା ପଞ୍ଚାୟତର କେଳାପଡିଆ ମେଳଣ ଓ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁର ସାହାରା ସୁନ୍ଦରୀ ମେଳଣ ସମ୍ପନ୍ନ ହୋଇଯାଇଛି।



ନରସିଂହପୁର ମେଳଣରେ ସାମିଲ ହୋଇଥିବା ବିମାନରେ ଠାକୁର।

## ହସ୍ତଶିଳ୍ପ କାରିଗରଙ୍କ ସଚେତନତା ସଭା

କେନ୍ଦ୍ରାପଡ଼ା, ୧୩।୩(ଜଗନ୍ନାଥ ଧଳ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ କରାରିଗରଙ୍କ ସଚେତନତା ସଭା କେନ୍ଦ୍ରାପଡ଼ା ଟାଉନ ହଲଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା କୁମ୍ଭକାର ସଂଘ ସମ୍ପାଦକ ଆଇନଜୀବୀ ବିଚିତ୍ରାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କାରିଗରଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ଅବଗତ କରାଯାଇଥିଲା । ଏଥିରେ ଉପ ନିର୍ଦ୍ଦେଶକ ସନ୍ତୋଷ ମହାନ୍ତି, ବ୍ୟାଙ୍କ ପଦାଧିକାରୀ ରାଜେଶ କୁମାର ଦାଶ, ଓର୍‌ମାସର ନିରୋଦ କୁମାର ଜେନା, ଓଲଏମ୍‌ର ପ୍ରଶାନ୍ତ କୁମାର ପାଢ଼ୀ, ହସ୍ତଶିଳ୍ପୀ ପ୍ରୀୟବ୍ରତ ଜେନା, ବିଜୟଲକ୍ଷ୍ମୀ ସ୍ୱାଇଁ ଆଲୋଚକ ଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ, କେନ୍ଦ୍ରାପଡ଼ା ଜିଲା ବିକାଶରେ କୁଟୀର ଶିଳ୍ପ ଏକ ପ୍ରମୁଖ ଅଙ୍ଗ । କାଇଁଛ, ଟେରାକୋଟା, ନଡ଼ିଆ କତା, ଚାନ୍ଦୁଆ, ବେତ କାମ ଆଦି ପାଇଁ ଭିତ୍ତିଭୂମୀ ଅଛି । ଏହାକୁ ପ୍ରୋତ୍ସାହନ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ଜିଲାରେ ଥିବା ସମସ୍ୟାକୁ ସମାଧାନ କଲେ କେନ୍ଦ୍ରାପଡ଼ା ଜିଲା ଦେଶରେ ଏକ ଅଗ୍ରଣୀ ହସ୍ତଶିଳ୍ପ ଜିଲା ଭାବେ ପରିଗଣିତ ହୋଇପାରିବ । ଏହି ସଭାକୁ ସତ୍ୟଜିତ ବେହେରା, ପ୍ରିୟଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ୩ଶହ ବର୍ଷରେ ପାଇଲୋ ରାଧାଦାମୋଦର ମେଳଣ



ମେଳଣ ଗାଦିରେ ରାଧାଦାମୋଦର ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି।

ପାଟକୁରା, ୧୩।୩ (ରବୀନ୍ଦ୍ର ନାଥ ବାରିକ)

ପାଟକୁରା ଥାନା ଅଧୀନ ଅନ୍ତେଇ ପଞ୍ଚାୟତ ପାଇଲୋ ଗ୍ରାମରେ ଗୁରୁବାର ପ୍ରସିଦ୍ଧ ରାଧା ଦାମୋଦର ମେଳଣ ଅନୁଷ୍ଠିତ ହେଉଛି। ଗ୍ରାମରେ ଠାକୁର ରାଧାଦାମୋଦରଙ୍କୁ ରୋଷଣୀରେ ନାମ ସଂକୀର୍ତ୍ତନ, ତେଲିଙ୍ଗି ବାଜା, ଡ୍ରମ ବାଜା, ଆତସବାଜିରେ ଶ୍ରଦ୍ଧାଳୁମାନେ ମେଳଣ ପଡିଆକୁ ଆଣିଥିଲେ। ମେଳଣ ପଡ଼ିଆରେ ଥିବା ଠାକୁରଙ୍କ ଗାଦିରେ ରାଧାଦାମୋଦରଙ୍କ ଯୁଗଳ ମୂର୍ତ୍ତି ସୁସଜିତ ବିମାନରେ ଆସୀନ ହୋଇ ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଏହି ମେଳଣ ପ୍ରାୟ ୩ଶହ ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି ବୋଲି ମୁଖ୍ୟ ପୂଜକ ରାଜେନ୍ଦ୍ର ପ୍ରସାଦ ଶୁକ୍ଳ ସୂଚନା ଦେଇଛନ୍ତି। ପାଇଲୋ ରାଧାଦାମୋଦର ମେଳଣ ଏ ଅଞ୍ଚଳରେ ଏକ ସ୍ୱତନ୍ତ୍ର ନିଷ୍ଠାର ପରମ୍ପରା ରଖିଛି। ଠାକୁରଙ୍କ ପ୍ରିୟ ଭୋଗ ଗୁଡମଣ୍ଡା ପ୍ରାୟ ସମସ୍ତଙ୍କ ଘରେ ପ୍ରସ୍ତୁତ ହୁଏ। ଫଗୁଣ ଦ୍ୱାଦଶୀ ଓ ତ୍ରୟଦଶୀ ୨ଦିନ ଗ୍ରାମର ସମସ୍ତଙ୍କ ଘରକୁ ଠାକୁର ବିମାନରେ ବସି ଯାଆନ୍ତି। ସମସ୍ତଙ୍କ ଘର ଆଗ ଲିପାପୋଛା ହୋଇ ଚିତା ପଡିଥାଏ। ଏହି ଦିନରେ ଗ୍ରାମ ମଧ୍ୟରେ ଆମିଷ ବାରଣ କରାଯାଇଥାଏ। ଗୃହିଣୀ ମାନେ ହୁଳହୁଳି ପକାଇ ଠାକୁରଙ୍କୁ ବନ୍ଦାପନା କରନ୍ତି। ମୁଖ୍ୟ ପୂଜକ ଗୁଡ଼ମଣ୍ଡା ଭୋଗ ଲାଗି କରିଥାନ୍ତି। ଠାକୁରଙ୍କ ନୀତିକାନ୍ତି ସବୁ ପାଇଲୋ ରାୟ ପରିବାରର ଅଶୋକ ରାୟ ସବୁ ବୁଝାଶୁଝା କରନ୍ତି ଓ ଗ୍ରାମର ସମସ୍ତ ଜନସାଧାରଣ ଏଥିରେ ସହଯୋଗ କରନ୍ତି। ବାହାରେ ରହୁଥିବା ଲୋକମାନେ ଛୁଟି କରି ମେଳଣ ପାଇଁ ଗ୍ରାମକୁ ଆସନ୍ତି। ରାୟ ପରିବାରଙ୍କ ନିମନ୍ତ୍ରଣକ୍ରମେ ଉକୁସାହି, ଗୋବର୍ଦ୍ଧନପୁର, ବାଲିଘାଇ, ଶୀତଳପାଟଣା, ଦେଉଳି, ଶ୍ରୀଚନ୍ଦନପୁର, ଶିରସ୍ତା, ଅନ୍ତେଇ, ପଦ୍ମପୁର, ଦଲୁଆଣି ସମେତ ୧୮ଟି ଗ୍ରାମରୁ ରାଧାକୃଷ୍ଣ ବିମାନରେ ବସି ମେଳଣକୁ ଆସିଛନ୍ତି। ସନ୍ଧ୍ୟାରେ ଠାକୁରଙ୍କୁ ଦର୍ଶନ କରିବାକୁ ଓ ମେଳଣ ଦେଖିବାକୁ ଆଖପାଖ ଗାଁର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ପ୍ରକାର ଦୋକାନ ବଜାର ସବୁ ଖୋଲିଛି। ମେଳଣ ସରିବା ପରେ ଠାକୁର ରାତିରେ ବିମାନରେ ବସି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରବେ।

## ଡା.ସୁଚାରୀହାସିନୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୧୩।୩(କଳ୍ପତରୁ ନାୟକ)

ସାମାଜିକ କର୍ମୀ ଡା. ସୁଚାରୁହାସିନୀ ପାତ୍ର(୮୬)ଙ୍କ ବୁଧବାର ପଟ୍ଟାମୁଣ୍ଡାଇ ବାସଭବନରେ ପରଲୋକ ହୋଇଯାଇଛି। ଡାକ୍ତରୀ ଶିକ୍ଷା ପରେ ସରକାରୀ ଚାକିରି ଛାଡ଼ି ସେ ସାମାଜିକ କର୍ମୀ ସ୍ୱାମୀ ଡା.ବାସୁଦେବ ପାତ୍ରଙ୍କ ପରାମର୍ଶରେ ସମାଜବାଦୀ ଆନ୍ଦୋଳନରେ ଯୋଗ ଦେଇଥିଲେ। ବିଶିଷ୍ଟ ସମାଜବାଦୀ ନେତା ଡ. ରାମମୋହନ ଲୋହିଆ, ରବି ରାୟ, ବିଜୁ ପଟ୍ଟନାୟକଙ୍କ ଅନୁଗାମୀ ଭାବେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିକାଶ ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଆସିଥିଲେ। ଡା. ପାତ୍ରଙ୍କ କ୍ଷମତା ମୋହ ନ ଥିବାରୁ କୌଣସି ପଦପଦବୀ ଗ୍ରହଣ କରି ନ ଥିଲେ। ସେ ଗରିବ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଆସୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ, ଜ୍ୟେଷ୍ଠପୁତ୍ର ପ୍ରଫେସର ଡା.ଗୌତମ, ବୋହୂ ତନୁଜା, ସାନପୁଅ ଗୌରବ, ନାତି ନାତୁଣୀ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପ୍ରଭୁ ପ୍ରସାଦ



@ ପ୍ରଦୀପ



@ ରାହୁଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୧୩।୩ (ପ୍ରମୋଦ କୁମାର ନାୟକ)

ସୂଚନା ଅଧିକାରରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ବିଭାଗୀୟ ଜନ ସୂଚନା ଅଧିକାରୀମାନେ ଦାୟିତ୍ୱବାନ ହେବାକୁ ପଡ଼ିବ। ବିଶେଷକରି ସୂଚନା ଅଧିକାର ଆଇନ-୨୦୦୫ ଧାରା ୪(୧)(ଖ) ଅନୁଯାୟୀ ନିଜ ବିଭାଗର ସମସ୍ତ ତଥ୍ୟ ସୂଚନା ଅଧିକାର ୱେବସାଇଟରେ ଉଭୟ ଓଡ଼ିଆ ଓ ଇଂଲିଶ୍‌ରେ ଅପଲୋଡ୍ କରିବା ଜରୁରୀ। ଜିଲା ପ୍ରଶାସନ ତରଫରୁ ଏ ସଂକ୍ରାନ୍ତୀୟ ସଚେତନତା କର୍ମଶାଳାରେ ଏଭଳି ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କର୍ମଶାଳାରେ ଏହା କୁହାଯାଇଛି। ମାତ୍ର ଏହି ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେବ ସେନେଇ ସନ୍ଦେହ ରହିଛି। କର୍ମଶାଳାରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ପୌରୋହିତ୍ୟ କରି କହିଥିଲେ,ଏହି ଆଇନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ସାଧାରଣ ଜନତା ଏହି ଆଇନକୁ ସରଳ ଓ ସୁବିଧାଜନକ ଭାବେ ବ୍ୟବହାର କରି ବିଭିନ୍ନ ବିଭାଗରୁ ତଥ୍ୟ ପାଇପାରିବେ। ସୂଚନା ପାଇବା ପାଇଁ କେହି ଆବେଦନ କଲେ ଜନ ସୂଚନା ଅଧିକାରୀ ନିର୍ଭୁଲ ଭାବେ ଧାର୍ଯ୍ୟ ସମୟ ମଧ୍ୟରେ ଏହା ଦେବା ଉଚିତ। ଏନେଇ ସେମାନଙ୍କୁ ବିଶେଷ ପ୍ରଶିକ୍ଷଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି କର୍ମଶାଳାର ଆୟୋଜନ ହୋଇଥିବା ଅତିରିକ୍ତ ଜିଲାପାଳ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଲୁମିନସ୍ ଇନଫୋସିସର ମାଷ୍ଟର ଟ୍ରେନର ସଂଗ୍ରାମ କୁମାର ପୃଷ୍ଟି, ଗୋପାଳ କୃଷ୍ଣ ମିଶ୍ର, ବରିଷ୍ଠ ଆଇନଜୀବି ଧୀରେନ୍ଦ୍ରନାଥ ଆଚାର୍ଯ୍ୟ ପ୍ରମୁଖ ଏହି ଆଇନର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ, ତହସିଲ ତଥା ଅନ୍ୟ ବିଭାଗର ପ୍ରଥମ ଆପିଲେଟ କର୍ତ୍ତୃପକ୍ଷ ଓ ଜନସୂଚନା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଧାର୍ମିକ, ପରିବେଶ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇଛି

**ସାଗର ବେଳା ମହୋତ୍ସବ ଉଦ୍‌ଯାପିତ**

ରାଜନଗର, ୧୩।୬ (ଭାସ୍କର ରାଉତରାୟ)

ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ଚାଲିଥିବା ସାଗରବେଳା ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଉଦ୍‌ଜାପାନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିମା ଅଲେଖ ଧର୍ମର ସାଧୁ ଦୁଷ୍ମନ୍ତ ବାବା, ମୁଖ୍ୟ ବକ୍ତା ଭାବେ ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ ରାଜନଗର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ, ପରମ୍ପରାର ମାଟି ଭିତରକନିକା, ଗହୀରମଥା ଓ ପେଣ୍ଠ ବେଳାଭୂମି ଭଳି ପ୍ରାକୃତିକ ସମ୍ପଦ ଆମକୁ ପରିଚୟ ଦେଇଛି। ରାଜନଗରରେ ମହିମା




ମହୋତ୍ସବ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

ଅଲେଖ ଧର୍ମର ପରିବ୍ରାଜକ କ୍ଷେତ୍ରବାସୀ ବାବା, ନାମାଚାର୍ଯ୍ୟ ବାୟାବାବା ଜନ୍ମ ଗ୍ରହଣ କରିଛନ୍ତି। ସାଗରବେଳା ମହୋତ୍ସବ ଏ ଅଞ୍ଚଳର ଧାର୍ମିକ, ପରିବେଶ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ପ୍ରମୁଖ ମାଧ୍ୟମ ହୋଇପାରିଛି ବୋଲି କହିଥିଲେ। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡ. ଅଭୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମହାସଚିବ ସତ୍ୟବାଦୀ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ଧରଣୀଧର ରାଉତ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ଶିକ୍ଷାବିତ୍ ଅନିଲ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ସମ୍ମାନିତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ବିଜୟ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଶା କର୍ମୀ ଶିବାନୀ ମଣ୍ଡଳ, ବ୍ଲକର ମାଟ୍ରିକ ଟପ୍ପର, ସାବିତ୍ରୀ ଦେବୀ ବାଳିକା ବିଦ୍ୟାଳୟ ଓ ଯୁବ ଚିତ୍ର ଶିଳ୍ପୀ ଶ୍ରୀକାନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଅଭିନ୍ନ କୁମାର ସ୍ୱାଇଁ, ଅଧ୍ୟାପିକା ଭଗବତୀ ରାଉତ, ସୁବେଦାର ଗଗନ ବିହାରୀ ସ୍ୱାଇଁ, ଶିକ୍ଷାବିତ୍ ସୀତାକାନ୍ତ ରାଉଳ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି, ମହେଶ୍ୱର ରାଉତ, ଅଚ୍ୟୁତନନ୍ଦ ପ୍ରଧାନ, ବ୍ରହ୍ମାନନ୍ଦ ରାଉତ, ଘନଶ୍ୟାମ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

